**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

**T. B. C. : CSP-22/2**

**Test Booklet Series**

# A

# TEST BOOKLET

## GENERAL STUDIES

## PAPER—II

**Sl. No. 292925**

**Time Allowed : 2 Hours** | **Maximum Marks : 200**

**SEAL**

### INSTRUCTIONS FOR CANDIDATES

1. IMMEDIATELY AFTER COMMENCEMENT OF THE EXAMINATION, YOU SHOULD CHECK THAT THIS TEST BOOKLET **DOES NOT** HAVE ANY UNPRINTED OR TORN OR MISSING PAGES OR ITEMS ETC. IF SO, GET IT REPLACED BY A COMPLETE TEST BOOKLET OF THE SAME SERIES ISSUED TO YOU.
2. ENCODE CLEARLY THE TEST BOOKLET SERIES AS **A, B, C** OR **D**, AS THE CASE MAY BE, IN THE APPROPRIATE PLACE IN THE ANSWER SHEET USING BALL POINT PEN (BLUE OR BLACK).
3. You have to enter your **Roll No.** on the Test Booklet in the Box provided alongside. **DO NOT** write *anything else* on the Test Booklet.
4. **YOU ARE REQUIRED TO FILL UP & DARKEN ROLL NO., TEST BOOKLET / QUESTION BOOKLET SERIES IN THE ANSWER SHEET AS WELL AS FILL UP TEST BOOKLET / QUESTION BOOKLET SERIES AND SERIAL NO. AND ANSWER SHEET SERIAL NO. AT THE ATTENDANCE SHEET CAREFULLY. WRONGLY FILLED UP ANSWER SHEETS ARE LIABLE FOR REJECTION AT THE RISK OF THE CANDIDATES.**
5. This Question Booklet contains **80** items (questions). Each item (question) comprises of four responses (answers). You have to select the correct response (answer) which you want to mark (darken) on the Answer Sheet. In case, you feel that there is more than one correct response (answer), you should mark (darken) the response (answer) which you consider the best. In any case, choose **ONLY ONE** response (answer) for each item (question). **In the case of discrepancy in the meaning, the English version will prevail.**
6. You have to mark (darken) all your responses (answers) **ONLY** on the **separate Answer Sheet** provided by **using BALL POINT PEN (BLUE OR BLACK)**. See instructions in the Answer Sheet.
7. *(i)* All items (questions) carry equal marks. All items (questions) are compulsory. Your total marks will depend only on the number of correct responses (answers) marked by you in the Answer Sheet.
   *(ii)* **There will be negative marking for wrong answers. One-third (0·33) mark assigned to a particular item (question) will be deducted as negative marking for every wrong response (answer).**
   *(iii)* **If candidates give more than one response (answer), it will be treated as wrong response (answer) even if one of the given responses (answers) happens to be correct and there will be same penalty as above to that item (question).**
8. Before you proceed to mark (darken) in the Answer Sheet the responses to various items (questions) in the Test Booklet, you have to fill in some particulars in the Answer Sheet as per the instructions sent to you with your **Admission Certificate**.
9. After you have completed filling in all your responses (answers) on the Answer Sheet and after conclusion of the examination, you should hand over to the Invigilator the *Answer Sheet* issued to you. You are allowed to take with you the candidate's copy / second page of the Answer Sheet along with the **Question Booklet**, after completion of the examination, for your reference.
10. Sheets for rough work are appended in the Test Booklet at the end.

### ପ୍ରାର୍ଥୀ ମାନଙ୍କ ପାଇଁ ନିର୍ଦ୍ଦେଶାବଳୀ

୧. ପରୀକ୍ଷା ଆରମ୍ଭ ପରେ ସଙ୍ଗେ ସଙ୍ଗେ, ତୁମେ ଯାଞ୍ଚ କରିନେବା ଉଚିତ୍ ଯେ ଏହି ପରୀକ୍ଷା ବୁକ୍ଲେଟ୍‌ରେ କୌଣସି ମୁଦ୍ରଣ ନଥବ କିମ୍ବା ଚିରାନଥିବ କିମ୍ବା କୌଣସି ଗୋଟିଏ ପୃଷ୍ଠା ମଧ୍ୟ ନିରୁଦ୍ଦିଷ୍ଟ ନଥିବ ଇତ୍ୟାଦି। ଯଦି ସେହିପରି ହୋଇଥାଏ, ଏହାକୁ ପରିବର୍ତ୍ତନକରି ତୁମକୁ ସମାନ ସିରିଜ୍‌ର ଗୋଟିଏ ସଂପୂର୍ଣ୍ଣ ପରୀକ୍ଷା ବୁକ୍ଲେଟ୍ ଦିଆଯିବ।

୨. ପରୀକ୍ଷା ବୁକ୍ଲେଟ୍ ସିରିଜ୍ **A, B, C** ଓ **D** କୁ ଭଲ ଭାବରେ ଦେଖି ବଲ୍ ପଏଣ୍ଟ ପେନ୍ (ନୀଳ କିମ୍ବା କଳା) ବ୍ୟବହାର କରି ଉତ୍ତର ପତ୍ରରେ ସିରିଜ୍‌ଟିକୁ ଠିକ୍ ସ୍ଥାନରେ ପୂରଣ କର।

୩. ପରୀକ୍ଷା ବୁକ୍ଲେଟ୍‌ରେ ଦିଆଯାଇଥିବା ବକ୍ସ ଭିତରେ ତମେ ତୁମ ରୋଲ୍‌ନମ୍ବର ଲେଖ। ପରୀକ୍ଷା ବୁକ୍ଲେଟ୍‌ରେ ଅନ୍ୟ କିଛି ଲେଖ ନାହିଁ।

୪. **ତୁମେ ଉତ୍ତର ପତ୍ରରେ ତୁମର ପରୀକ୍ଷା ବୁକ୍ଲେଟ୍/ ପ୍ରଶ୍ନ ବୁକ୍ଲେଟ୍‌କ୍ରମ ଓ ରୋଲ ନମ୍ବରକୁ ଗାଢ଼ କରି ପୂରଣ କରିବା ଆବଶ୍ୟକ, ଏପରିକି ଉପସ୍ଥାନ ସିଟ୍‌ରେ ପରୀକ୍ଷା ବୁକ୍ଲେଟ୍/ ପ୍ରଶ୍ନ ବୁକ୍ଲେଟ୍ ସିରିଜ୍ ଓ କ୍ରମିକ ସଂଖ୍ୟା ଏବଂ ଉତ୍ତର ସିଟ୍ କ୍ରମିକ ସଂଖ୍ୟାକୁ ଅତି ଯତ୍ନର ସହ ପୂରଣ କର। ଭୁଲ ପୂରଣ ହୋଇଥିବା ଉତ୍ତର ପତ୍ରର ଖାରଜ ପାଇଁ କେହି ଉତ୍ତରଦାୟୀ ନୁହଁନ୍ତି। ଏଥିପାଇଁ ସଂପୂର୍ଣ୍ଣ ଭାବରେ ପ୍ରାର୍ଥୀ ଦାୟୀ।**

୫. ଏହି ପରୀକ୍ଷା ବୁକ୍ଲେଟ୍‌ରେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ୮୦ ପ୍ରକାର (ପ୍ରଶ୍ନ) ଦିଆଯାଇଛି। ପ୍ରତ୍ୟେକ ପ୍ରକାର ପ୍ରଶ୍ନ ପାଇଁ ଚାରୋଟି ଲେଖାଏଁ ଉତ୍ତର ଦିଆଯାଇଛି. ତନ୍ମଧ୍ୟରୁ ତୁମକୁ ସଠିକ୍ ଉତ୍ତର ଚୟନ କରିବାକୁ ପଡ଼ିବ ଯାହା ତୁମେ ଉତ୍ତର ପତ୍ରରେ ଗାଢ଼ କରି ଚିହ୍ନଟ କର। ଯଦି ତୁମେ ଗୋଟିଏରୁ ଅଧିକ ଠିକ୍ ଉତ୍ତର ଥିବା ଭାବିବ, ତେବେ ତୁମେ ଯେଉଁଟିକୁ ଅଧିକ ଠିକ୍ ବୋଲି ଭାବିବ ସେହି ଗୋଟିଏକୁ ହିଁ କେବଳ ଗାଢ଼ ରଙ୍ଗରେ ଚିହ୍ନଟ କରିବ। ଯେ କୌଣସି କ୍ଷେତ୍ରରେ, ପ୍ରତ୍ୟେକ ପ୍ରଶ୍ନ ପାଇଁ କେବଳ ଗୋଟିଏ ଉତ୍ତର ହିଁ ବାଛନ୍ତୁ। **ଅର୍ଥବୋଧରେ କୌଣସି ତାରତମ୍ୟ ଥିଲେ ଇଂରାଜୀ ଭାଷା ବଳବତ୍ତର ରହିବ।**

୬. **ବଲ୍ ପଏଣ୍ଟ ପେନ୍ (ନୀଳ ଓ କଳା)** ବ୍ୟବହାର କରି ଦିଆଯାଇଥିବା ଭିନ୍ନ ଏକ ଉତ୍ତର ପତ୍ରରେ ତୁମର ସମସ୍ତ ଉତ୍ତର ଶବ୍ଦକୁ ଗାଢ଼ କରି ଚିହ୍ନଟ କର। ଉତ୍ତର ପତ୍ରରେ ଦିଆଯାଇଥିବା ସୂଚନାକୁ ଦେଖ।

୭. *(i)* ସମସ୍ତ ପ୍ରଶ୍ନ ସମାନ ମାର୍କ ବହନ କରେ। ପ୍ରତ୍ୟେକ ପ୍ରଶ୍ନ ବାଧ୍ୟତାମୂଳକ ଅଟେ। ଉତ୍ତର ପତ୍ରରେ ତୁମ ଦ୍ୱାରା ଦିଆଯାଇଥିବା ସଠିକ୍ ଉତ୍ତରକୁ ନେଇ ତୁମର ସମୁଦାୟ ମାର୍କ ନିର୍ଭର କରିବ।
   *(ii)* **ଭୁଲ ଉତ୍ତର ପାଇଁ ନେଗେଟିଭ୍ ମାର୍କିଙ୍ଗ ହେବ। ପ୍ରତ୍ୟେକ ଭୁଲ ଉତ୍ତର ପାଇଁ ପ୍ରତ୍ୟେକ ପ୍ରଶ୍ନର ଏକ–ତୃତୀୟାଂଶ (0·33) ମାର୍କକୁ କାଟିଦିଆଯିବ।**
   *(iii)* **ଯଦି ପ୍ରାର୍ଥୀ ଗୋଟିଏ ପ୍ରଶ୍ନର ଏକାଧିକ ଉତ୍ତର ଦେଇଥାନ୍ତି, ଏହା ଭୁଲ ଉତ୍ତର ଭାବେ ଗ୍ରହଣ କରାଯିବ, ଯଦିଓ ତନ୍ମଧ୍ୟରୁ ଗୋଟିଏ ଠିକ୍ ଉତ୍ତର ଥାଏ। ସେହି ପ୍ରଶ୍ନ ପାଇଁ ଉପରୋକ୍ତ ନିର୍ଦ୍ଧାରିତ ନେଗେଟିଭ୍ ମାର୍କିଙ୍ଗ ହିସାବକୁ ନିଆଯିବ।**

୮. ଉତ୍ତର ପତ୍ରରେ ପରୀକ୍ଷା ବୁକ୍ଲେଟ୍‌ରେ ଥିବା ସମସ୍ତ ଉତ୍ତର ଗାଢ଼ ଚିହ୍ନଟ ପ୍ରକ୍ରିୟା ପୂର୍ବରୁ ତୁମର **Admission Certificate** ରେ ଥିବା ନିର୍ଦ୍ଦେଶନାମାକୁ ଦେଖି ତୁମକୁ କିଛି ତଥ୍ୟ ଉତ୍ତର ପତ୍ରରେ ପୂରଣ କରିବାକୁ ପଡ଼ିବ।

୯. ଉତ୍ତର ପତ୍ରରେ ତୁମର ସମସ୍ତ ଉତ୍ତର ପୂରଣ ହୋଇ ସାରିବା ପରେ ଓ ପରୀକ୍ଷା ସରିବା ପରେ, ତୁମକୁ ଦିଆଯାଇଥିବା ଉତ୍ତର ପତ୍ରକୁ ତୁମେ ପରୀକ୍ଷକଙ୍କୁ ହସ୍ତାନ୍ତରକରିବା ଉଚିତ୍। ପରୀକ୍ଷା ଶେଷ ହେବାପରେ ପ୍ରାର୍ଥୀଙ୍କ କପି / ଉତ୍ତର ପତ୍ରର ଦ୍ୱିତୀୟ ପୃଷ୍ଠା ସହ ପରୀକ୍ଷା ବୁକ୍ଲେଟ୍ ପ୍ରାର୍ଥୀ ମାନେ ସାଥିରେ ନେଇପାରିବେ, ଏହା କେବଳ ନିଜର ବିଚାର ପାଇଁ।

୧୦. ପରୀକ୍ଷା ବୁକ୍ଲେଟ୍‌ରେ ଶେଷଭାଗରେ rough work ସଂଲଗ୍ନ କରାଯାଇଛି।

**DO NOT OPEN THIS TEST BOOKLET UNTIL YOU ARE ASKED TO DO SO**

***Direction* (Q. Nos. 1–5) :** Read the following passage and answer the questions that follow. Your answers to these questions should be based on the passage only :

***Passage* 1**

The global refugee crisis has reached alarming proportions, with millions of people fleeing their homes due to conflict, persecution and instability. Data and statistics underscore the magnitude of this crisis, shedding light on the immense challenges faced by both refugees and host countries.

As of the most recent UNHCR report, there are over 82 million forcibly displaced people worldwide. This includes refugees, asylum seekers and internally displaced persons. The number of refugees alone has surpassed 26 million, with nearly 80% of them hosted by neighbouring countries in regions facing their own challenges.

Syria remains one of the most significant contributors to the refugee crisis. Since the onset of its civil war in 2011, an estimated 6·7 million Syrians have fled their country. Afghanistan is another major source, with over 2·7 million refugees, driven by ongoing conflict and insecurity. Venezuela's political and economic turmoils have resulted in a staggering 5·4 million people seeking refugees in neighbouring countries.

Developing nations shoulder a substantial burden in hosting refugees. Countries like Turkey, Pakistan and Uganda are among the top refugee-hosting nations. Turkey alone hosts more than 3·6 million refugees, primarily from Syria, placing significant strains on its resources and infrastructure.

The international community faces a collective challenge in addressing this crisis. Providing humanitarian aid, ensuring access to education and healthcare and facilitating resettlement are vital components of a comprehensive response. However, strained resources, political complexities and the growing trend of anti-immigrant sentiment in some host countries present obstacles to find effective solutions.

**ନିର୍ଦ୍ଦେଶନା (ପ୍ରଶ୍ନ ସଂଖ୍ୟା 1–5) :** ନିମ୍ନ ଅନୁଚ୍ଛେଦଟିକୁ ପଢ଼ ଏବଂ ତଳେ ଥିବା ପ୍ରଶ୍ନର ଉତ୍ତର ଦିଅ। ଆପଣଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ଅନୁଚ୍ଛେଦଟିକୁ ଆଧାର କରି ହେବା ଉଚିତ।

**ଅନୁଚ୍ଛେଦ–୧**

ସଂଘର୍ଷ, ନିର୍ଯ୍ୟାତନା ଏବଂ ଅସ୍ଥିରତା ହେତୁ ଲକ୍ଷ ଲକ୍ଷ ଲୋକ ସେମାନଙ୍କ ଘରଛାଡ଼ି ପଳାୟନ କରିବା ସହ ବୈଶ୍ୱିକ ଶରଣାର୍ଥୀ ସଙ୍କଟ ବିପଦ ଶଙ୍କୁଳ ଅନୁପାତରେ ପହଞ୍ଚି ଯାଇଛି। ଉଭୟ ଶରଣାର୍ଥୀ ଓ ଆଶ୍ରୟ ପ୍ରଦାନକାରୀ ଦେଶଗୁଡ଼ିକ ଦ୍ୱାରା ତଥ୍ୟ ଓ ପରିସଂଖ୍ୟାନ ଏହି ସଙ୍କଟର ବିଶାଳତାର ଗୁରୁତ୍ୱକୁ ସୂଚିତ କରିବା ସହ ଉଭୟ ଶରଣାର୍ଥୀ ଓ ଆଶ୍ରୟ ପ୍ରଦାନକାରୀ ଦେଶଗୁଡ଼ିକ ସାମନା କରୁଥିବା ଅସୀମ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥାଏ।

ଅଧୁନାତନ UNHCR ରିପୋର୍ଟ ଅନୁସାରେ ସାରାବିଶ୍ୱରେ 82 ନିୟୁତରୁ ଉର୍ଦ୍ଧ୍ୱ ବଳପୂର୍ବକ ସ୍ଥାନାନ୍ତରିତ ବ୍ୟକ୍ତି ରହିଛନ୍ତି। ଏହା ମଧ୍ୟରେ ଶରଣାର୍ଥୀ, ଆଶ୍ରୟସ୍ଥଳ ଖୋଜାଳି, ଅନ୍ତର୍ନିହିତ ଭାବେ ସ୍ଥାନଚ୍ୟୁତ ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ। ଏକାକୀ ଶରଣାର୍ଥୀଙ୍କ ସଂଖ୍ୟା 26 ନିୟୁତ ଅତିକ୍ରମ କରିଯାଇଛି, ଯାହାର ୫0% ସେହି ମଣ୍ଡଳର ପଡ଼ୋଶୀ ଦେଶଗୁଡ଼ିକ ଦ୍ୱାରା ଆଶ୍ରୟ ପାଇଥାନ୍ତି ଯେଉଁମାନେ ନିଜ ଦେଶର ସମସ୍ୟାକୁ ସାମନା କରୁଛନ୍ତି।

ଶରଣାର୍ଥୀ ସଙ୍କଟ ପ୍ରତି ସିରିଆ ସବୁଠାରୁ ଏକ ମହତ୍ୱପୂର୍ଣ୍ଣ ଅବଦାନ ଥିବା ଦେଶଭାବେ ଉଭାହୋଇଛି। 2011 ରେ ଏହାର ଗୃହଯୁଦ୍ଧ ଆରମ୍ଭ ହେବା ପରଠାରୁ ଏକ ଆକଳନ ଅନୁସାରେ 6·7 ନିୟୁତ ସିରିଆ ଦେଶବାସୀ ସେମାନଙ୍କ ଦେଶ ଛାଡ଼ି ପଳାୟନ କରିଛନ୍ତି। ଆଫଗାନିସ୍ଥାନ ଅନ୍ୟ ଏକ ମୁଖ୍ୟ ଉତ୍ସ ଯାହାର 2·7 ନିୟୁତରୁ ଅଧିକ ଲୋକ ଲାଗିରହିଥିବା ସଂଘର୍ଷ ଏବଂ ଅସ୍ଥିରତା ହେତୁ ଶରଣାର୍ଥୀ ଭାବେ ବିତାଡ଼ିତ ହୋଇଛନ୍ତି। ଭେନେଜୁଏଲାର ରାଜନୈତିକ ଓ ଆର୍ଥିକ ଦୁରାବସ୍ଥା 5·4 ନିୟୁତ ଲୋକଙ୍କୁ ପଡ଼ୋଶୀ ଦେଶଗୁଡ଼ିକରେ ଆଶ୍ରୟ ଖୋଜିବାର ଫଳ ଅଟେ।

ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବାରେ ବିକଶିତ ରାଷ୍ଟ୍ରଗୁଡ଼ିକ ଏକ ମହତ୍ୱପୂର୍ଣ୍ଣ ଭାର ବହନ କରନ୍ତି। ତୁର୍କି, ପାକିସ୍ଥାନ ଏବଂ ଉଗାଣ୍ଡା ଭଳି ଦେଶଗୁଡ଼ିକ ଶରଣାର୍ଥୀ ଆଶ୍ରୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଶୀର୍ଷରେ ଅଛନ୍ତି। କେବଳ ତୁର୍କି ଏକାକି 3·6 ନିୟୁତରୁ ଅଧିକ ଶରଣାର୍ଥୀଙ୍କୁ ବିଶେଷକରି ସିରିଆରୁ ନିଜଦେଶରେ ସ୍ଥାନ ଦେଇଛି, ଯାହା ନିଜର ସମ୍ବଳ ଏବଂ ଭିତ୍ତିଭୂମି ଉପରେ ଚାପ ଦେଇଥାଏ।

ଏହି ସଙ୍କଟକୁ ସାମନା କରିବାରେ ଆନ୍ତର୍ଜାତିକ ଗୋଷ୍ଠୀ ଏକ ସାମୂହିକ ଆହ୍ୱାନର ସମ୍ମୁଖୀନ ହୁଅନ୍ତି। ମାନବୀୟ ସହାୟତା ପ୍ରଦାନ, ଶିକ୍ଷା ଏବଂ ସ୍ୱାସ୍ଥ୍ୟଯତ୍ନର ଉପଲବ୍ଧତା ନିଶ୍ଚିତ କରିବା ଏବଂ ପୁନଃଥଇଥାନକୁ ସୁଗମ କରିବା ଏକ ବ୍ୟାପକ କାର୍ଯ୍ୟକ୍ରମର ଉପାଦାନ ଅଟେ। ତେବେ କେତେକ ଆଶ୍ରୟ ପ୍ରଦାନକାରୀ ରାଷ୍ଟ୍ରରେ ପରସ୍ପର ମନୋମାଳିନ୍ୟ ଥିବା ସମ୍ବଳ, ରାଜନୈତିକ ଜଟିଳତା ଏବଂ ଶରଣାର୍ଥୀ ବିପକ୍ଷବାଦୀ ବର୍ଦ୍ଧିଷ୍ଣୁ ମାନସିକତା ଫଳପ୍ରଦ ସମାଧାନ ଖୋଜିବାହାର କରିବାରେ ପ୍ରତିବନ୍ଧକ ସୃଷ୍ଟିକରେ।

In conclusion, the current international refugee crisis is a complex issue with far-reaching implications. Data and statistics highlight the staggering numbers of displaced individuals and the significant challenges faced by both refugees and host countries. Addressing this crisis requires international cooperation, policy reforms and a commitment to upholding human rights in the face of adversity.

**1.** How many forcibly displaced people are there globally, according to the UNHCR report?
(A) 26 million
(B) 50 million
(C) 82 million
(D) 100 million

**2.** Which country has hosted the largest number of refugees from Syria?
(A) Turkey
(B) Jordan
(C) Lebanon
(D) Iraq

**3.** What is a major driver of the refugee crisis in Afghanistan?
(A) Economic opportunities
(B) Religious freedom
(C) Ongoing conflict and insecurity
(D) Political stability

**4.** Among the listed countries, which one hosts the most refugees?
(A) Germany
(B) United States
(C) Turkey
(D) Canada

**5.** What challenge is faced by host countries in addressing the refugee crisis?
(A) Ample resources and infrastructure
(B) Low levels of international cooperation
(C) Anti-immigrant sentiment and strained resources
(D) Ignoring human rights concerns

ଶେଷରେ, ସାଂପ୍ରତିକ ଆନ୍ତର୍ଜାତିକ ଶରଣାର୍ଥୀ ସଙ୍କଟ ଏକ ଜଟିଳ ପ୍ରସଙ୍ଗ ଯାହାର ଦୂରଗାମୀ ପ୍ରଭାବ ରହିଛି। ତଥ୍ୟ ଏବଂ ପରିସଂଖ୍ୟାନ ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କ ସଂଖ୍ୟା ଏବଂ ଉଭୟ ଶରଣାର୍ଥୀ ଓ ଆଶ୍ରୟ ପ୍ରଦାନକାରୀ ରାଷ୍ଟ୍ରଗୁଡ଼ିକ ସାମନା କରୁଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥାଏ। ଏହି ସଙ୍କଟକୁ ସାମନା କରିବାରେ ଆନ୍ତର୍ଜାତିକ ସହଯୋଗ, ନୀତିରେ ସଂସ୍କାର ଏବଂ ଦୁର୍ଦ୍ଦଶା ସମୟରେ ମାନବିକ ଅଧିକାରକୁ ସୁରକ୍ଷିତ ରଖିବାର ପ୍ରତିଶ୍ରୁତିବଦ୍ଧତା ଆବଶ୍ୟକ।

**1.** UNHCR ରିପୋର୍ଟ ଅନୁସାରେ ବୈଶ୍ୱିକ ସ୍ତରରେ କେତେଜଣ ବ୍ୟକ୍ତି ବଳପୂର୍ବକ ସ୍ଥାନଚ୍ୟୁତ ହୋଇଛନ୍ତି?
(A) 26 ନିୟୁତ
(B) 50 ନିୟୁତ
(C) 82 ନିୟୁତ
(D) 100 ନିୟୁତ

**2.** ସିରିଆରୁ କେଉଁ ଦେଶ ସର୍ବାଧିକ ସଂଖ୍ୟକ ଶରଣାର୍ଥୀଙ୍କୁ ଆଶ୍ରୟ ଦେଇଛି?
(A) ତୁର୍କି
(B) ଜୋର୍ଡାନ
(C) ଲେବାନନ୍
(D) ଇରାକ

**3.** ଆଫଗାନିସ୍ଥାନରେ ଶରଣାର୍ଥୀ ସଙ୍କଟର ମୁଖ୍ୟ କାରଣ କ'ଣ ଅଟେ?
(A) ଅର୍ଥନୈତିକ ସୁଯୋଗ
(B) ଧାର୍ମିକ ସ୍ୱାଧୀନତା
(C) ଲାଗିରହିଥିବା ସଂଘର୍ଷ ଓ ଅସ୍ଥିରତା
(D) ରାଜନୈତିକ ସ୍ଥିରତା

**4.** ତାଲିକାଭୁକ୍ତ ଦେଶଗୁଡ଼ିକ ମଧ୍ୟରୁ କେଉଁଟି ଅଧିକ ସଂଖ୍ୟକ ଶରଣାର୍ଥୀଙ୍କୁ ଆଶ୍ରୟ ଦେଇଛି?
(A) ଜର୍ମାନୀ
(B) ସଂଯୁକ୍ତ ରାଷ୍ଟ୍ର
(C) ତୁର୍କି
(D) କାନାଡା

**5.** ଶରଣାର୍ଥୀ ସଙ୍କଟକୁ ସାମନା କରିବାରେ ଆଶ୍ରୟ ପ୍ରଦାନକାରୀ ରାଷ୍ଟ୍ରଗୁଡ଼ିକ କେଉଁ ସମସ୍ୟା/ଆହ୍ୱାନର ସମ୍ମୁଖୀନ ହୁଅନ୍ତି?
(A) ପର୍ଯ୍ୟାପ୍ତ ସମ୍ବଳ ଓ ଭିତ୍ତିଭୂମି
(B) ନିମ୍ନସ୍ତରର ଆନ୍ତର୍ଜାତିକ ସହଯୋଗ
(C) ଶରଣାର୍ଥୀ ବିପକ୍ଷ ମାନସିକତା ଓ ମନୋମାଳିନ୍ୟ ଥିବା ସମ୍ବଳ
(D) ମାନବିକ ଅଧିକାରଗୁଡ଼ିକୁ ଅଣଦେଖା କରିବା

***Direction* (Q. Nos. 6–10) :** Read the following passage and answer the questions that follow. Your answers to these questions should be based on the passage only :

***Passage 2***

Genetic engineering, a revolutionary branch of biotechnology, continues to evolve rapidly, transforming the way we approach medicine, agriculture and various scientific endeavours. Recent developments in this field highlight both the immense potential and ethical considerations that come with the power to manipulate DNA.

In the medical realm, gene editing technologies like CRISPR-Cas9 have gained prominence. These tools offer unprecedented precision in modifying genes, holding promise for treating genetic disorders. In a groundbreaking clinical trial, researchers successfully used gene editing to treat sickle cell anaemia. The patient's own modified cells were reintroduced into their body, resulting in reduced symptoms and an improved quality of life.

In agriculture, genetic engineering is driving advancements in crop production and food security. The development of Genetically Modified (GM) crops has enabled plants to resist pests, withstand harsh climates and improve nutritional content. For instance, GM rice has been biofortified to contain higher levels of essential vitamins, potentially combating malnutrition in regions where rice is a staple food.

However, these advancements also raise ethical concerns. The potential for creating "designer babies" through gene editing has sparked debates about the boundaries of genetic manipulation. The question of whether it's ethical to alter human DNA to enhance physical or cognitive traits continues to challenge bioethicists, policymakers and society at large.

Data indicates the exponential growth of genetic engineering research. In the past decade, the number of scientific publications related to CRISPR technology has multiplied significantly. In 2010, there were approximately 150 CRISPR-related publications; by 2020, that number had soared to over 9,000. This surge demonstrates the profound impact of genetic engineering on the scientific community.

**ନିର୍ଦ୍ଦେଶନା (ପ୍ରଶ୍ନ ସଂଖ୍ୟା 6–10) :** ନିମ୍ନରେ ଥିବା ଅନୁଚ୍ଛେଦଟିକୁ ପଢ଼ ଏବଂ ତଳେ ଥିବା ପ୍ରଶ୍ନଗୁଡିକର ଉତ୍ତର ଦିଅ। ଆପଣଙ୍କ ପ୍ରଶ୍ନଗୁଡିକର ଉତ୍ତର କେବଳ ଅନୁଚ୍ଛେଦଟିକୁ ଆଧାର କରି ହେବା ଉଚିତ।

**ଅନୁଚ୍ଛେଦ–୨**

ଜେନିଟିକ୍ ଇଂଜିନିୟରିଙ୍ଗ୍ ବାୟୋଟେକ୍‌ନୋଲୋଜିର ଏକ ବୈପ୍ଳବିକ ବିଭାଗ ଅଟେ ଯାହା ଔଷଧ, କୃଷି ଏବଂ ବିବିଧ ବୈଜ୍ଞାନିକ ପ୍ରଚେଷ୍ଟାଗୁଡିକ ପ୍ରତି ଆମର ମାର୍ଗକୁ ରୂପାନ୍ତରିତ କରି ଦ୍ରୁତ ଭାବେ ପ୍ରକାଶିତ ହେବାରେ ଲାଗିଛି। ଏହି କ୍ଷେତ୍ରରେ ସାଂପ୍ରତିକ ବିକାଶ ଉଭୟ ସମ୍ଭାବ୍ୟ ଓ ନୈତିକ ବିଚାରଗୁଡିକୁ ଆଲୋକପାତ କରେ ଯାହା DNA କୁ ପରିଚାଳନା କରିବାପାଇ ସାମର୍ଥ୍ୟ ନେଇ ଆସିଥାଏ।

ଚିକିତ୍ସା କ୍ଷେତ୍ରରେ CRISPR-Cas9 ପରି ଜିନ୍ ଏଡିଟିଙ୍ଗ୍ ଟେକନୋଲୋଜି ପ୍ରମୁଖତା ହାସଲ କରିଛି। ଜିନଗୁଡିକର ପରିବର୍ତ୍ତନ କରିବା, ଜିନଗୁଡିକର ବ୍ୟତିକ୍ରମକୁ ପ୍ରକ୍ରିୟାକରଣ କରିବାପାଇଁ ପ୍ରତିଶ୍ରୁତିବଦ୍ଧ ହେବାରେ ଏହି ସାଧନୀଗୁଡିକ ଅଭୂତପୂର୍ବ ଅନୁଭୂତି ପ୍ରଦାନକରେ। ଗୋଟିଏ ନୂତନ ପଦ୍ଧତିର କ୍ଲିନିକାଲ ପ୍ରଚେଷ୍ଟାରେ ଗବେଷକମାନେ ସିକଲ୍ ସେଲ ଏନେମିଆର ଉପଚାର ପାଇଁ ଜିନ୍ ଏଡିଟିଙ୍ଗ୍‌କୁ ସଫଳତାର ସହ ବ୍ୟବହାର କଲେ। ରୋଗୀମାନଙ୍କ ନିଜର ପରିବର୍ତ୍ତିତ ଜୀବକୋଷକୁ ସେମାନଙ୍କ ଶରୀରରେ ପୁନଃପ୍ରୟୋଗ କରାଗଲା ଯାହା ଲକ୍ଷଣ କମାଇବା ଓ ଗୁଣାତ୍ମକ ଜୀବନର ଅଭିବୃଦ୍ଧିରେ ପ୍ରତିଫଳିତ ହେଲା।

କୃଷିକ୍ଷେତ୍ରରେ, ଶସ୍ୟ ଉତ୍ପାଦନ ଓ ଖାଦ୍ୟ ସୁରକ୍ଷାରେ ଜେନିଟିକ୍ ଇଂଜିନିୟରିଙ୍ଗ୍ ଉନ୍ନତିର ପ୍ରେରକ ଅଟେ। ଜିନଦ୍ୱାରା ପରିବର୍ତ୍ତିତ ଶସ୍ୟର ବିକାଶ ଗଛକୁ ପୋକ ଦାଉରୁ ରକ୍ଷାକରେ, କଠିନ ଜଳବାୟୁକୁ ସହ୍ୟକରିବା ଓ ପୋଷକ ତତ୍ତ୍ୱକୁ ବିକାଶ କରେ। ଉଦାହରଣ ସ୍ୱରୂପ, ଚାଉଳ ମୁଖ୍ୟ ଖାଦ୍ୟଥିବା ଅଞ୍ଚଳରେ ସମ୍ଭାବ୍ୟ ପୁଷ୍ଟିହୀନତାର ମୁକାବିଲା କରିବାପାଇଁ ଉଚ୍ଚସ୍ତରର ଅତ୍ୟାବଶ୍ୟକ ଭିଟାମିନ ଧାରଣ ନିମିତ୍ତ (GM) ଚାଉଳକୁ ଜୈବିକୃତ କରାଯାଇଛି।

ତେବେ, ଏହି ବିକାଶ ସମୂହ ନୈତିକ ପ୍ରସଙ୍ଗ ମଧ୍ୟ ଉତ୍‌ଥାପନ କରିଥାଏ। ଜିନ୍ ଏଡିଟିଙ୍ଗ୍ ମାଧ୍ୟମରେ "ଡିଜାଇନର ବେବି" ସୃଷ୍ଟିକରିବାର ସମ୍ଭାବନା ଜେନିଟିକ୍ ପରିଚାଳନାର ସୀମା ବିଷୟରେ ବିତର୍କ ସୃଷ୍ଟି କରିଛି। ମଣିଷର DNA କୁ ପରିବର୍ତ୍ତନ କରି ତା'ର ଶାରୀରିକ ବା ଜ୍ଞାନାତ୍ମକ ବୈଶିଷ୍ଟ୍ୟକୁ ବୃଦ୍ଧି କରିବା ନୈତିକ କି ନୁହେଁ, ଏହି ପ୍ରଶ୍ନ ବୃହତ୍ତର ଭାବେ ଜୈବନୈତିକତା ବିତ୍, ନୀତି ନିର୍ଦ୍ଧାରକ ଏବଂ ସମାଜକୁ ଆହ୍ୱାନ କରିଚାଲିଛି।

ଜେନେଟିକ୍ ଇଂଜିନିୟରିଙ୍ଗର ଗବେଷଣା ଅଧିକରୁ ଅଧିକ ଅଭିବୃଦ୍ଧିକୁ ତଥ୍ୟ ସୂଚିତ କରେ। ବିଗତ ଦଶକରେ CRISPR ଟେକନୋଲୋଜି ସଂପର୍କିତ ବୈଜ୍ଞାନିକ ପ୍ରକାଶନ ସଂଖ୍ୟାଗୁଡିକର ମହତ୍ତ୍ୱପୂର୍ଣ୍ଣଭାବେ ଦ୍ୱିଗୁଣିତ ହୋଇଛି। 2010 ରେ CRISPR ସଂପର୍କିତ ପ୍ରକାଶନ ସଂଖ୍ୟା ପ୍ରାୟ 150 ଥିବାବେଳେ 2020 ସୁଦ୍ଧା ଏହି ସଂଖ୍ୟା 9,000 ଉପରେ ପହଞ୍ଚିଛି। ଏହି ଧାରା ବୈଜ୍ଞାନିକ ଗୋଷ୍ଠୀ ଉପରେ ଜେନେଟିକ୍ ଇଂଜିନିୟରିଂର ବଳିଷ୍ଠ ପ୍ରଭାବକୁ ପ୍ରଦର୍ଶିତ କରିଥାଏ।

As we navigate this brave new world of genetic engineering, striking a balance between innovation and ethical considerations remains paramount. The potential to cure genetic diseases, enhance food security and make leaps in scientific understanding is immense. However, careful consideration and collaboration are necessary to ensure that the benefits are realized while addressing the ethical complexities that accompany these technological breakthroughs.

**6.** Which gene editing technology has gained prominence recently?

(A) PCR

(B) CRISPR-Cas9

(C) DNA sequencing

(D) Microarray analysis

**7.** In a clinical trial, gene editing was successfully used to treat which genetic disorder?

(A) Cystic fibrosis

(B) Huntington's disease

(C) Sickle cell anaemia

(D) Diabetes

**8.** What is one of the benefits of Genetically Modified (GM) crops?

(A) Increased susceptibility to pests

(B) Reduced nutritional content

(C) Improved crop yield and pest resistance

(D) Longer growth periods

**9.** What ethical concern is associated with genetic engineering?

(A) Improving food security

(B) Enhancing cognitive traits

(C) Treating genetic disorders

(D) Preventing malnutrition

**10.** How has the number of CRISPR-related scientific publications changed over the past decade?

(A) It has remained constant

(B) It has decreased significantly

(C) It has increased moderately

(D) It has multiplied exponentially

ଜେନେଟିକ୍ ଇଂଜିନିୟରିଂର ଏହି ସାହସୀ ନୂଆ ଦୁନିଆରେ ଆମେ ପ୍ରବେଶ କରୁଥିବାରୁ ଅଭିନବତା ଏବଂ ନୈତିକ ବିଚାର ମଧ୍ୟରେ ସନ୍ତୁଳନ ବଜାୟ ରଖିବା ସର୍ବୋଚ୍ଚ ଅଟେ। ଜେନେଟିକ୍ ରୋଗଗୁଡିକରୁ ଆରୋଗ୍ୟ ଲାଭ କରିବା, ଖାଦ୍ୟ ସୁରକ୍ଷାକୁ ବୃଦ୍ଧି କରିବା ଏବଂ ବୈଜ୍ଞାନିକ ବୁଝାମଣାରେ ଉନ୍ନତି ଆଣିବା କ୍ଷମତା ଅପରସୀମ ଅଟେ। ତଥାପି, ଏହି ଟେକନୋଲୋଜିକାଲ ସଫଳତା ସହିତ ଜଡ଼ିତ ନୈତିକ ଜଟିଳତାକୁ ଦୂର କରିବା ସହିତ ଏହାର ଲାଭକୁ ନିଶ୍ଚିତ କରିବା ପାଇଁ ଯତ୍ନଶୀଳ ବିଚାର ଓ ସହଯୋଗ ଆବଶ୍ୟକ।

**6.** ସଂପ୍ରତି କେଉଁ ଜିନ୍ ଏଡିଟିଙ୍ଗ୍ ଟୋକ୍ନୋଲୋଜି ପ୍ରମୁଖତା ହାସଲ କରିଛି?

(A) PCR

(B) CRISPR-Cas9

(C) DNA sequencing

(D) Microarray analysis

**7.** କେଉଁ ଜେନିଟିକ୍ ବ୍ୟତିକ୍ରମରେ ଉପଚାର ପାଇଁ କ୍ଲିନିକାଲ୍ ପ୍ରଚେଷ୍ଟାରେ ଜିନ୍ ଏଡିଟିଙ୍ଗ ସଫଳତାର ସହ ପ୍ରୟୋଗ ହୋଇଥାଏ।

(A) Cystic fibrosis

(B) Huntington's disease

(C) Sickle cell anaemia

(D) Diabetes

**8.** ଜେନିଟିକାଲି ପରିବର୍ତ୍ତିତ (GM) ଶସ୍ୟର ଗୋଟିଏ ଲାଭ କ'ଣ?

(A) କୀଟର ପ୍ରଭାବ ବୃଦ୍ଧିକରେ

(B) ପୋଷକତତ୍ୱ ହ୍ରାସକରେ

(C) ଶସ୍ୟ ଅମଳ ଏବଂ କୀଟ ପ୍ରତିରୋଧକୁ ବଢ଼ାଏ

(D) ଦୀର୍ଘ ବୃଦ୍ଧି ଅବଧି

**9.** ଜେନେଟିକ୍ ଇଂଜିନିୟରିଂ ସହ କେଉଁ ନୈତିକ ବିଚାର ଜଡିତ?

(A) ଖାଦ୍ୟନିରାପତ୍ତା ଅଭିବୃଦ୍ଧି କରିବା

(B) ଜ୍ଞାନାତ୍ମକ ବୈଶିଷ୍ଟ୍ୟ ବଢାଇବା

(C) ଜେନିଟିକ୍ ବ୍ୟତିକ୍ରମର ଉପଚାର କରିବା

(D) ପୁଷ୍ଟିହୀନତାର ପ୍ରତିରୋଧ କରିବା

**10.** ବିଗତ ଦଶନ୍ଧିରେ CRISPR ସମ୍ବନ୍ଧିତ ବୈଜ୍ଞାନିକ ପ୍ରକାଶନ ସଂଖ୍ୟାରେ କିପରି ପରିବର୍ତ୍ତନ ହୋଇଛି?

(A) ଏହା ସ୍ଥିର ରହିଛି

(B) ଏହା ମହତ୍ୱପୂର୍ଣ୍ଣଭାବେ ହ୍ରାସ ପାଇଛି

(C) ଏହା ସାଧାରଣଭାବେ ବୃଦ୍ଧି ହୋଇଛି

(D) ଏହା ଅଧିକରୁ ଅଧିକଭାବେ ଦ୍ୱିଗୁଣିତ ହୋଇଛି

***Direction* (Q. Nos. 11&12) :** In questions given below, a part of the sentence is *italicised and underlined*. Below are given alternatives to the *italicised* part which may improve the sentence. Choose the correct alternative. In case no improvement is needed, option (D) is the answer :

**11.** The workers are *hell bent at getting* what is due to them.

(A) hell bent on getting
(B) hell bent for getting
(C) hell bent upon getting
(D) No improvement

**12.** When it was feared that the serfs might go too far and gain their freedom from serfdom, the Protestant leaders joined the princes *at crushing* them.

(A) into crushing
(B) in crushing
(C) without crushing
(D) No improvement

**13.** In the following question, choose the word which is the exact OPPOSITE of the given word :

ENORMOUS

(A) Soft
(B) Average
(C) Tiny
(D) Weak

**14.** Some proverbs/idioms are given below together with their meanings. Choose the correct meaning of proverb/idiom :

To keep one's temper

(A) To become angry
(B) To be in good mood
(C) To preserve one's energy
(D) None of the above

**15.** Find the ***correctly*** spelt word.

(A) Efficient
(B) Treatmeant
(C) Beterment
(D) Employd

**ନିର୍ଦ୍ଦେଶନା (ପ୍ରଶ୍ନ ସଂଖ୍ୟା 11&12) :** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର କିଛି ଅଂଶ ବକ୍ରାମୂକ ଓ ରେଖାଙ୍କିତ ଅଟେ। ଏହି ବକ୍ରାମୂକ ଅଂଶ ସଂପର୍କିତ ବିକଳ୍ପମାନ ନିମ୍ନରେ ଦିଆଯାଇଛି। ଯାହା ବାକ୍ୟର ଅଭିବୃଦ୍ଧି ଘଟାଇ ପାରିବ। ଉପଯୁକ୍ତ ବିକଳ୍ପଟିକୁ ବାଛ। ଯଦି, କୌଣସି ଅଭିବୃଦ୍ଧିର ଆବଶ୍ୟକତା ନ ଥାଏ, ତେବେ ଉତ୍ତରଟି (D) ହେବ।

**11.** The workers are *hell bent at getting* what is due to them.

(A) hell bent on getting
(B) hell bent for getting
(C) hell bent upon getting
(D) No improvement

**12.** When it was feared that the serfs might go too far and gain their freedom from serfdom, the Protestant leaders joined the princes *at crushing* them.

(A) into crushing
(B) in crushing
(C) without crushing
(D) No improvement

**13.** ନିମ୍ନ ପ୍ରଶ୍ନଗୁଡ଼ିକରୁ ଉପଯୁକ୍ତ ଶବ୍ଦକୁ ବାଛ ଯାହା ତଳେ ଦିଆଯାଇଥିବା ଶବ୍ଦର ଠିକ୍ ବିପରୀତ ଅର୍ଥବୋଧକ ଶବ୍ଦ ଅଟେ।

ଏନୋରମସ୍ (ENORMOUS)

(A) ସଫ୍ଟ (Soft)
(B) ଆଭରେଜ୍ (Average)
(C) ଟିନି (Tiny)
(D) ଉଇକ୍ (Weak)

**14.** ନିମ୍ନରେ କେତେକ ପ୍ରୋଭର୍ବ/ଇଡ଼ିୟମ (proverbs/idioms) ଅର୍ଥ ସହିତ ଏକାଠି ଦିଆଯାଇଛି। ପ୍ରୋଭର୍ବ/ଇଡ଼ିୟମ (proverb/idiom)ର ଠିକ୍ ଅର୍ଥକୁ ବାଛ।

To keep one's temper

(A) To become angry
(B) To be in good mood
(C) To preserve one's energy
(D) None of the above

**15.** ଠିକ୍ ବନାନ ଥିବା ଶବ୍ଦକୁ ବାଛ।

(A) Efficient
(B) Treatmeant
(C) Beterment
(D) Employd

**Direction (Q. Nos. 16–18) :** Read the paragraph and answer the following :

I felt the wall of the tunnel shiver. The master alarm squealed through my earphones. Almost simultaneously, Jack yelled down to me that there was a warning light on. Fleeting but spectacular sights snapped into and out of view, the snow, the shower of debris, the moon, looming close and big, the dazzling sunshine for once unfiltered by layers of air. The last twelve hours before re-entry were particular bone-chilling. During this period, I had to go up into command module. Even after the fiery re-entry splashing down in 81° water in South Pacific, we could still see our frosty breath inside the command module.

**16.** The word 'Command Module' used twice in the given passage indicates perhaps that it deals with

(A) an alarming journey

(B) a commanding situation

(C) a journey into outer space

(D) a frightful battle

**17.** Which one of the following reasons would one consider as more as possible for the warning lights to be on?

(A) There was a shower of debris

(B) Jack was yelling

(C) A catastrophe was imminent

(D) The moon was looming close and big

**18.** The statement that the dazzling sunshine was "for once unfiltered by layers of air" means

(A) that the sun was very hot

(B) that there was no strong wind

(C) that the air was unpolluted

(D) None of the above

**ନିର୍ଦ୍ଦେଶନା (ପ୍ରଶ୍ନ ସଂଖ୍ୟା 16–18) :** ଅନୁଚ୍ଛେଦଟିକୁ ପଢ଼ ଓ ନିମ୍ନପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

I felt the wall of the tunnel shiver. The master alarm squealed through my earphones. Almost simultaneously, Jack yelled down to me that there was a warning light on. Fleeting but spectacular sights snapped into and out of view, the snow, the shower of debris, the moon, looming close and big, the dazzling sunshine for once unfiltered by layers of air. The last twelve hours before re-entry were particular bone-chilling. During this period, I had to go up into command module. Even after the fiery re-entry splashing down in 81° water in South Pacific, we could still see our frosty breath inside the command module.

**16.** ଦିଆଯାଇଥିବା ଅନୁଚ୍ଛେଦରେ 'କମାଣ୍ଡ ମଡ୍ୟୁଲ' (Command Module) ଶବ୍ଦ ଦୁଇଥର ବ୍ୟବହାର କରାଯାଇଛି, ବୋଧହୁଏ ଏହା ସୂଚିତ କରେ —

(A) an alarming journey

(B) a commanding situation

(C) a journey into outer space

(D) a frightful battle

**17.** ନିମ୍ନୋକ୍ତ କାରଣଗୁଡ଼ିକ ମଧ୍ୟରୁ କେଉଁଟିକୁ ସର୍ତକ ଆଲୋକ ଜଳିବାର ସମ୍ଭାବ୍ୟ କାରଣ ଭାବେ ଜଣେ ବିଚାର କରିବ?

(A) There was a shower of debris

(B) Jack was yelling

(C) A catastrophe was imminent

(D) The moon was looming close and big

**18.** The statement that the dazzling sunshine was "for once unfiltered by layers of air" means

(A) that the sun was very hot

(B) that there was no strong wind

(C) that the air was unpolluted

(D) None of the above

**19.** In the question given below, out of the four alternatives, choose the one which can be substituted for the given word/sentence :

Extreme old age when a man behaves like a fool.

(A) Imbecility

(B) Senility

(C) Dotage

(D) Superannuation

**20.** In the following question, choose the word which best expresses the meaning of the given word :

EMBEZZLE

(A) Misappropriate

(B) Balance

(C) Remunerate

(D) Clear

**21.** ***Direction*** : Choose the ***correct*** option considering the statements followed by the conclusions :

**Statements :**

*(a)* Some panthers are cats.

*(b)* All cats are mammals.

*(c)* Some mammals are not panthers.

**Conclusions :**

*(i)* Some mammals are panthers.

*(ii)* All panthers are mammals.

*(iii)* All cats are panthers.

*(iv)* All mammals are panthers.

(A) None follows

(B) Only *(i)* follows

(C) Only *(i)* and *(ii)* follow

(D) Only *(ii)* and *(iii)* follow

**19.** ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଚାରୋଟି ବିକଳ୍ପ ମଧ୍ୟରୁ ଗୋଟିକୁ ବାଛ, ଯାହାକୁ ଦିଆଯାଇଥିବା ଶବ୍ଦ/ବାକ୍ୟ ପ୍ରତିବଦଳରେ ବ୍ୟବହାର କରାଯାଇ ପାରିବ।

Extreme old age when a man behaves like a fool.

(A) Imbecility

(B) Senility

(C) Dotage

(D) Superannuation

**20.** ନିମ୍ନ ପ୍ରଶ୍ନଗୁଡ଼ିକରୁ ଉପଯୁକ୍ତ ଶବ୍ଦ ବାଛ ଯାହା ତଳେ ଦିଆଯାଇଥିବା ଶବ୍ଦର ଅର୍ଥକୁ ସର୍ବୋତ୍ତମ ଭାବେ ବ୍ୟକ୍ତ କରିଥାଏ।

EMBEZZLE

(A) Misappropriate

(B) Balance

(C) Remunerate

(D) Clear

**21.** **ନିର୍ଦ୍ଦେଶନା :** ସିଦ୍ଧାନ୍ତ ଦ୍ୱାରା ଅନୁସରଣ କରା ବିବୃତ୍ତିଟିର ବିବେଚନା କରି ସଠିକ ବିକଳ୍ପଟିକୁ ଚୟନ କର।

**ଉକ୍ତି ସମୂହ :**

*(a)* କେତେକ ଚିତାବାଘ ବିଲେଇ ଅଟନ୍ତି।

*(b)* ସମସ୍ତ ବିଲେଇ ସ୍ତନ୍ୟପାୟୀ ଅଟନ୍ତି।

*(c)* କେତେକ ସ୍ତନ୍ୟପାୟୀ ଚିତାବାଘ ନୁହଁନ୍ତି।

**ସିଦ୍ଧାନ୍ତ :**

*(i)* କେତେକ ସ୍ତନ୍ୟପାୟୀ ଚିତାବାଘ ଅଟନ୍ତି।

*(ii)* ସମସ୍ତ ଚିତାବାଘ ସ୍ତନ୍ୟପାୟୀ ଅଟନ୍ତି।

*(iii)* ସମସ୍ତ ବିଲେଇ ଚିତାବାଘ ଅଟନ୍ତି।

*(iv)* ସମସ୍ତ ସ୍ତନ୍ୟପାୟୀ ଚିତାବାଘ ଅଟନ୍ତି।

(A) ନିମ୍ନୋକ୍ତ କେଉଁଟି ନୁହେଁ

(B) କେବଳ ନିମ୍ନୋକ୍ତ *(i)*

(C) କେବଳ ନିମ୍ନୋକ୍ତ *(i)* ଓ *(ii)*

(D) କେବଳ ନିମ୍ନୋକ୍ତ *(ii)* ଓ *(iii)*

22. Divayabh gave an application for a new passport to the clerk on Monday afternoon. Next day was a holiday. So, the clerk cleared the papers on the next working day on resumption of duty. The senior clerk checked it on the same day but forwarded it to the head clerk on the next day. The head clerk decided to dispose the case on the subsequent day. On which of the following days was the case put up to the head clerk by the senior clerk?

(A) Wednesday

(B) Thursday

(C) Friday

(D) None of the above

23. ***Direction*** : Choose the ***correct*** option considering the statements followed by the conclusions.

**Statements :**

*(a)* Some desks are apartments.

*(b)* All apartments are cars.

*(c)* Some cars are trucks.

**Conclusions :**

*(i)* Some desks are trucks.

*(ii)* Some desks are cars.

*(iii)* Some cars are apartments.

*(iv)* No truck is a desk.

(A) None follows

(B) Only *(ii)* and *(iii)* follow

(C) Either only *(i)* or *(ii)*, *(iii)* and *(iv)* follow

(D) Either only *(i)* or *(iv)*, *(ii)* and *(iii)* follow

24. Complete the following series :

$E$–5, $G$–7, $I$–9, $K$–11, ?

(A) $L$–13, $N$–14

(B) $M$–13, $O$–15

(C) $L$–12, $M$–14

(D) $K$–12, $M$–14

22. Divayabh gave an application for a new passport to the clerk on Monday afternoon. Next day was a holiday. So, the clerk cleared the papers on the next working day on resumption of duty. The senior clerk checked it on the same day but forwarded it to the head clerk on the next day. The head clerk decided to dispose the case on the subsequent day. On which of the following days was the case put up to the head clerk by the senior clerk?

(A) Wednesday

(B) Thursday

(C) Friday

(D) None of the above

23. **ନିର୍ଦ୍ଦେଶନା :** ସିଦ୍ଧାନ୍ତ ଦ୍ୱାରା ଅନୁସରଣ କର। ବିବୃତିଟିର ବିବେଚନା କରି ସଠିକ ବିକଳ୍ପଟିକୁ ଚୟନ କର।

**ଉକ୍ତି ସମୂହ :**

*(a)* କେତେକ ଡେସ୍କ ଆପାର୍ଟମେଣ୍ଟ ଅଟେ।

*(b)* ସମସ୍ତ ଆପାର୍ଟମେଣ୍ଟ କାର୍ ଅଟେ।

*(c)* କେତେକ କାର୍ ଟ୍ରକ୍ ଅଟେ।

**ସିଦ୍ଧାନ୍ତ :**

*(i)* କେତେକ ଡେସ୍କ ଟ୍ରକ ଅଟେ।

*(ii)* କେତେକ ଡେସ୍କ କାର୍ ଅଟେ।

*(iii)* କେତେକ କାର୍ ଆପାର୍ଟମେଣ୍ଟ ଅଟେ।

*(iv)* କୌଣସି ଟ୍ରକ୍ ଡେସ୍କ ନୁହେଁ।

(A) ନିମ୍ନୋକ୍ତ କେଉଁଟି ନୁହେଁ

(B) କେବଳ ନିମ୍ନୋକ୍ତ *(ii)* ଏବଂ *(iii)*

(C) କେବଳ ନିମ୍ନୋକ୍ତ *(i)* ବା *(ii)*, *(iii)* ଏବଂ *(iv)*

(D) କେବଳ ନିମ୍ନୋକ୍ତ *(i)* ବା *(iv)*, *(ii)* ଏବଂ *(iii)*

24. କ୍ରମକୁ ସମ୍ପୂର୍ଣ୍ଣ କର :

$E$–5, $G$–7, $I$–9, $K$–11, ?

(A) $L$–13, $N$–14

(B) $M$–13, $O$–15

(C) $L$–12, $M$–14

(D) $K$–12, $M$–14

25. In a row of children, Bali is seventh from the left and Moti is fourth from the right. When Bali and Moti exchange positions, Bali will be the fifteenth from the left. What will be Moti's position from the right?

(A) Eighth

(B) Fourth

(C) Eleventh

(D) Twelfth

26. A woman presents a man as the son of the brother of her mother. How is the man related to the woman?

(A) Nephew

(B) Son

(C) Cousin

(D) Uncle

27. Facing a man in the eye, Nero said, "Your son is my son's uncle." How is the man related to Nero?

(A) Brother

(B) Father

(C) Uncle

(D) Grandfather

28. If "!" denotes "added to", "@" denotes "divided by", "%" denotes "multiplied by" and "^" denotes "subtracted from", then 13 ! 102 @ 6 % 2 ^ 41 = ?

(A) 6

(B) 9

(C) 14

(D) 12

25. ପିଲାମାନଙ୍କର ଗୋଟିଏ ଧାଡ଼ିରେ ବାଲି ବାମରୁ ସପ୍ତମ, ମୋତି ଡାହାଣରୁ ଚତୁର୍ଥ। ଯେତେବେଳେ ବାଲି ଓ ମୋତି ସେମାନଙ୍କର ସ୍ଥାନ ପରିବର୍ତ୍ତନ କରନ୍ତି, ବାଲି ବାମରୁ ପଞ୍ଚଦଶ ସ୍ଥାନରେ ରହିବ। ଡାହାଣରୁ ମୋତିର ସ୍ଥାନ କେତେ ହେବ?

(A) ଅଷ୍ଟମ

(B) ଚତୁର୍ଥ

(C) ଏକାଦଶ

(D) ଦ୍ୱାଦଶ

26. ଜଣେ ମହିଳା ଗୋଟିଏ ବ୍ୟକ୍ତିଙ୍କୁ ତାଙ୍କ ମାଆଙ୍କ ଭାଇର ପୁଅ ରୂପେ ଉପସ୍ଥାପନ କରନ୍ତି। ଉକ୍ତ ବ୍ୟକ୍ତି ଜଣଙ୍କ ମହିଳାଙ୍କ ସହ କିପରି ସଂପର୍କିତ?

(A) ପୁତୁରା

(B) ପୁଅ

(C) ଜ୍ଞାତି

(D) ମାମୁ

27. ଜଣେ ବ୍ୟକ୍ତିଙ୍କୁ ଆଖି ସାମନାରେ ଦେଖି, ନେରୋ କହିଲା, "ତୁମର ପୁଅ ମୋ ପୁଅର ଦାଦା ଅଟନ୍ତି"। ବ୍ୟକ୍ତି ଜଣଙ୍କ ନେରୋ ସହିତ କିପରି ସଂପର୍କିତ?

(A) ଭାଇ

(B) ବାପା

(C) ଦାଦା

(D) ଜେଜେବାପା

28. ଯଦି "!" ମିଶାଣ, "@" ହରଣ, "%" ଗୁଣନ ଏବଂ "^" ଫେଡ଼ାଣକୁ ସୂଚିତ କରେ, ତେବେ 13 ! 102 @ 6 % 2 ^ 41 = ?

(A) 6

(B) 9

(C) 14

(D) 12

**29.** Find the number of triangles in the given figure :



(A) 8
(B) 10
(C) 12
(D) 14

**30.** Find the number of triangles in the given figure :



(A) 22
(B) 24
(C) 26
(D) 28

**31.** If the marked price of 30 articles is equal to the selling price of 40 articles, then find the % discount.

(A) 25%
(B) 33·33%
(C) 75%
(D) 20%

**32.** A student scores 36% marks and he fails by 32 marks. But if he scores 48% marks then he will get 64 marks more than the passing marks. Find the pass percentage.

(A) 40%
(B) 50%
(C) 35%
(D) 45%

**29.** ପ୍ରଦତ୍ତ ଚିତ୍ରରେ ତ୍ରିଭୁଜାକାର କ୍ଷେତ୍ରଗୁଡ଼ିକର ସଂଖ୍ୟା ଖୋଜି ବାହାର କର।



(A) 8
(B) 10
(C) 12
(D) 14

**30.** ପ୍ରଦତ୍ତ ଚିତ୍ରରେ ତ୍ରିଭୁଜାକାର କ୍ଷେତ୍ରଗୁଡ଼ିକର ସଂଖ୍ୟା ଖୋଜି ବାହାର କର।



(A) 22
(B) 24
(C) 26
(D) 28

**31.** ଯଦି 30 ଟି ଦ୍ରବ୍ୟର ସୂଚିତ ମୂଲ୍ୟ 40 ଟି ଦ୍ରବ୍ୟର ବିକ୍ରୟ ମୂଲ୍ୟ ସହିତ ସମାନ, ତେବେ ରିହାତି % କେତେ ଖୋଜି ବାହାର କର?

(A) 25%
(B) 33·33%
(C) 75%
(D) 20%

**32.** ଜଣେ ଶିକ୍ଷାର୍ଥୀ 36% ନମ୍ବର ରଖି 32 ନମ୍ବରରେ ଫେଲ୍ ହୁଏ। କିନ୍ତୁ, ଯଦି ସେ 48% ନମ୍ବର ରଖେ, ତେବେ ସେ ପାଶ ନମ୍ବର ଠାରୁ 64 ନମ୍ବର ଅଧିକ ପାଇବ। ପାଶ ହାର ଖୋଜି ବାହାର କର।

(A) 40%
(B) 50%
(C) 35%
(D) 45%

**33.** The monthly incomes of $X$ and $Y$ are in the ratio of 4 : 3 and their monthly expenses are in the ratio of 3 : 2. However, each saves ₹ 6,000 per month. What is their total monthly income?

(A) ₹ 28,000

(B) ₹ 42,000

(C) ₹ 56,000

(D) ₹ 84,000

**34.** $P$ works thrice as fast as $Q$, whereas $P$ and $Q$ together can work four times as fast as $R$. If $P$, $Q$ and $R$ work together on a job, then in what ratio should they share the earnings?

(A) 3 : 1 : 1

(B) 3 : 2 : 4

(C) 4 : 3 : 4

(D) 3 : 1 : 4

**35.** 8 men can do a piece of work in 12 days while 20 women can do it in 10 days. In how many days 12 men and 15 women together can complete the same work?

(A) 4

(B) 5

(C) 6

(D) 7

**33.** $X$ ଓ $Y$ ର ମାସିକ ଆୟର ଅନୁପାତ 4 : 3 ଏବଂ ସେମାନଙ୍କ ମାସିକ ବ୍ୟୟର ଅନୁପାତ 3 : 2 । ତେବେ, ଯଦି ଉଭୟ ମାସକୁ ₹ 6,000 ଟଙ୍କା ସଞ୍ଚୟ କରନ୍ତି। ସେମାନଙ୍କ ମୋଟ ମାସିକ ଆୟ କେତେ?

(A) ₹ 28,000

(B) ₹ 42,000

(C) ₹ 56,000

(D) ₹ 84,000

**34.** $P$, $Q$ ଠାରୁ ତିନିଗୁଣା ଶୀଘ୍ର କାମ କରେ, ପରନ୍ତୁ, $P$ ଓ $Q$ ଏକତ୍ର $R$ ଠାରୁ ଚାରିଗୁଣା ଶୀଘ୍ର କାମ କରିପାରିବେ। ଯଦି $P$, $Q$ ଓ $R$ ଏକତ୍ର ଗୋଟିଏ କାର୍ଯ୍ୟ କରନ୍ତି, ତେବେ ସେମାନେ ନିଜର ଆୟକୁ କେଉଁ ଅନୁପାତରେ ବାଣ୍ଟିବେ।

(A) 3 : 1 : 1

(B) 3 : 2 : 4

(C) 4 : 3 : 4

(D) 3 : 1 : 4

**35.** 8 ଜଣ ପୁରୁଷ ଗୋଟିଏ କାର୍ଯ୍ୟକୁ 12 ଦିନରେ କରୁଥିବା ବେଳେ 20 ଜଣ ମହିଳା ଏହାକୁ 10 ଦିନରେ କରନ୍ତି। କେତେ ଦିନରେ 12 ଜଣ ପୁରୁଷ ଓ 15 ଜଣ ମହିଳା ସେହି କାର୍ଯ୍ୟକୁ ସମାପ୍ତ କରିବେ?

(A) 4

(B) 5

(C) 6

(D) 7

***Direction* (Q. Nos. 36–40) :** In each question below is given a statement followed by three courses of action numbered *(i)*, *(ii)* and *(iii)*. A course of action is a step or administrative decision to be taken for improvement, follow-up or further action in regard to the problem, policy, etc. On the basis of the information given in the statement, you have to assume everything in the statement to be true, then decide which of the suggested courses of action logically follow(s) for pursuing :

**36. Statement :** A heavy unseasonal downpour during last two days has paralysed the normal life in the State in which five persons were killed but this has provided a huge relief to the problem of acute water crisis in the State.

**Courses of action :**

*(i)* The State Government should set up a committee to review the alarming situation.

*(ii)* The State Government should immediately remove all the restrictions, on use of potable water in all the major cities in the State.

*(iii)* The State Government should send relief supplies to all the affected areas in the State.

(A) None

(B) Only *(i)*

(C) Only *(ii)* and *(iii)*

(D) Only *(iii)*

**ନିର୍ଦ୍ଦେଶନା (ପ୍ରଶ୍ନ ସଂଖ୍ୟା 36–40) :** ପ୍ରତ୍ୟେକ ପ୍ରଶ୍ନ ତଳେ ଗୋଟିଏ ଉକ୍ତି ଦିଆଯାଇଛି ଯାହା *(i)*, *(ii)* ଏବଂ *(iii)* ରୂପେ ଚିହ୍ନିତ ତିନୋଟି କାର୍ଯ୍ୟ ଧାରା ଦ୍ୱାରା ଅନୁସୃତ। ଗୋଟିଏ କାର୍ଯ୍ୟ ଧାରା ଗୋଟିଏ ପଦକ୍ଷେପ କିମ୍ବା ନେବାକୁ ଥିବା ପ୍ରଶାସନିକ ନିଷ୍ପତ୍ତି, ଅଭିବୃଦ୍ଧି, ଅନୁସରଣ କିମ୍ବା ସମସ୍ୟା, ନୀତି ସମ୍ବନ୍ଧୀୟ ପରବର୍ତ୍ତୀ କାର୍ଯ୍ୟ ଇତ୍ୟାଦି। ଉକ୍ତିରେ ଦିଆଯାଇଥିବା ସୂଚନା ଆଧାରରେ ଆପଣଙ୍କୁ ଉକ୍ତିରେ ଥିବା ସମସ୍ତ କଥାକୁ ସତ୍ୟ ବୋଲି ଗ୍ରହଣ କରିବାକୁ ହେବ। ତେବେ, ପ୍ରସ୍ତାବିତ କାର୍ଯ୍ୟଧାରାଗୁଡ଼ିକ ମଧ୍ୟରୁ କେଉଁଟି ନ୍ୟାୟସଂଗତ ଭାବେ ଅନୁସରଣ ଯୋଗ୍ୟ ଅଟେ ନିଷ୍ପତ୍ତି କରନ୍ତୁ।

**36. ଉକ୍ତି :** ବିଗତ ଦୁଇ ଦିନ ଧରି ଭୀଷଣ ଅନିୟମିତ ବର୍ଷା ରାଜ୍ୟରେ ସାଧାରଣ ଜୀବନକୁ ଅଚଳ କରିଦେଇଛି, ଯେଉଁଥିରେ ପାଞ୍ଚଜଣ ଲୋକଙ୍କର ମୃତ୍ୟୁ ହୋଇଛି। କିନ୍ତୁ, ଏହା ରାଜ୍ୟରେ ଗଭୀର ଜଳ ସଙ୍କଟ ଜନିତ ସମସ୍ୟା ପାଇଁ ଅଧିକ ସହାୟତା ପ୍ରଦାନ କରିଛି।

**କାର୍ଯ୍ୟ ଧାରା :**

*(i)* ସଙ୍କଟ ପରିସ୍ଥିତିର ସମୀକ୍ଷା ପାଇଁ ରାଜ୍ୟ ସରକାର ଏକ କମିଟି ଗଠନ କରିବା ଉଚିତ।

*(ii)* ରାଜ୍ୟର ସମସ୍ତ ମୁଖ୍ୟ ସହର ଗୁଡ଼ିକରେ ପାନୀୟଜଳ ବ୍ୟବହାର ଉପରେ ରାଜ୍ୟ ସରକାର ତତ୍କାଳ ସମସ୍ତ ପ୍ରତିବନ୍ଧକ ଉଠାଇନେବା ଉଚିତ।

*(iii)* ରାଜ୍ୟରେ ସମସ୍ତ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ରାଜ୍ୟ ସରକାର ରିଲିଫ୍ ସାମଗ୍ରୀ ଯୋଗାଣ କରିବା ଉଚିତ।

(A) କୌଣସିଟି ନୁହେଁ

(B) କେବଳ *(i)*

(C) କେବଳ *(ii)* ଓ *(iii)*

(D) କେବଳ *(iii)*

**37. Statement :** A large private bank has decided to retrench one-third of its employees in view of the huge losses incurred by it during the past three quarters.

**Courses of action :**

*(i)* The Government should issue a notification to general public to immediately stop all transactions with the bank.

*(ii)* The Government should direct the bank to refrain from retrenching its employees.

*(iii)* The Government should ask the central bank of the country to initiate an enquiry into the bank's activities and submit its report.

(A) None

(B) Only *(i)*

(C) Only *(ii)*

(D) Only *(iii)*

**38. Statement :** Many political activists have decided to stage demonstrations and block traffic movement in the city during peak hours to protest against the steep rise in the prices of essential commodities.

**Courses of action :**

*(i)* The Government should immediately ban all forms of agitations in the country.

*(ii)* The police authority of the city should deploy additional forces all over the city to help traffic movement in the city.

